## ସାହିତ୍ୟ ଏକାଡ଼େମୀ ପକ୍ଷରୁ ଦୂରସଞ୍ଚାରୀ ଆଲୋଚନାସଭା

# ପ୍ରତିକୂଳକୁ ଭ୍ରୂକ୍ଷେପ କରେନି 'ସାହିତ୍ୟ', ଚାଲିଥାଏ ଅବାରିତ




କଲକାତା, ୩୧।୭ (ନି.ପ୍ର): ସାହିତ୍ୟ ଏକାଡ଼େମୀ ପକ୍ଷରୁ ଏକ ଦୂରସଞ୍ଚାରୀ ଆଲୋଚନା ସଭା ଅନୁଷ୍ଠିତ ହୋଇଛି। ସାହିତ୍ୟ ଏକାଡ଼େମୀର ପୂର୍ବାଞ୍ଚଳ ମୁଖ୍ୟ ଡକ୍ଟର ମିହିର କୁମାର ସାହୁ ଏହି ସାହିତ୍ୟ ଆଲୋଚନା ସଭାକୁ ସଂଯୋଜନା କରିଥିଲେ। ମୂଳ ବିଷୟ ଥିଲା 'ଉଚ୍ଚ ମଞ୍ଚ ବ୍ୟତୀତ ସାହିତ୍ୟ ଆଲୋଚନା ସମ୍ଭବ କି ନୁହେଁ'। ଏହି କାର୍ଯ୍ୟକ୍ରମରେ କବି ସୁବୋଧ ସରକାର ସ୍ୱାଗତ ଭାଷଣ ଦେଇଥିବାବେଳେ ଅନ୍ୟ ସାହିତ୍ୟିକଙ୍କ ମଧ୍ୟରେ ଅମିତାଭ ରାୟ, ପ୍ରଫେସର ସ୍ୱପନ ଚକ୍ରବର୍ତ୍ତୀ ଏବଂ କୁନାଲ ବସୁ ପ୍ରମୁଖ ଥିଲେ।

ଡକ୍ଟର ସାହୁ କହିଥିଲେ ଯେ ବର୍ତ୍ତମାନ ଏକ ବ୍ୟତିକ୍ରମୀ ପରିବେଶ ସୃଷ୍ଟି ହୋଇଛି। ଏହି ପରିବେଶ କେତେଦିନ ରହିବ ତାହା ନେଇ ବର୍ତ୍ତମାନ ପ୍ରଶ୍ନ ଉଠିଛି। ତେବେ ଏହା ମଧ୍ୟରେ ସାହିତ୍ୟ ଯେପରି ନିଜର ସତ୍ତା ବଜାୟ ରଖିବ ଏବଂ ଏହାର ପ୍ରଚାର, ପ୍ରସାର ଓ ଗ୍ରହଣଯୋଗ୍ୟତା ଆହୁରି ବୁଦ୍ଧିମନ୍ତ ହେବ ସେଥିପାଇଁ ଚେଷ୍ଟା କରିବାକୁ ହେବ। ସମଗ୍ର ବିଶ୍ୱ ବର୍ତ୍ତମାନ ଏକ ଭୟାତୁର ଓ ଆତଙ୍କ ମଧ୍ୟରେ ରହିଛି। ଯେଉଁଥିରେ ସାହିତ୍ୟ ପ୍ରତ୍ୟେକଙ୍କୁ ଭରସା ଯୋଗାଇବା ସଙ୍ଗେ ସଙ୍ଗେ ଚିନ୍ତା ଓ ଚେତନା ପ୍ରତି ଖୋରକ ଦେବ।

କବି ସୁବୋଧ ସରକାର କହିଥିଲେ ଯେ ସାହିତ୍ୟ କୌଣସି ସମୟରେ ମଳିନ ହୁଏ ନାହିଁ। ଏକ ଗଛ ତଳେ ରହି ମଧ୍ୟ ସାହିତ୍ୟ ଚର୍ଚ୍ଚା କରାଯାଇପାରେ। ସାହିତ୍ୟ ରଚନା ସହିତ ପ୍ରଚାର ଓ ପ୍ରସାର କ୍ଷେତ୍ରରେ ପ୍ରତିଟି ସ୍ତରକୁ ମାନି ନିଆଯାଇପାରେ। ଗ୍ରାମ, ସହର ଏବଂ ମହାନଗରୀର ପ୍ରକାର ଭେଦକୁ ସାହିତ୍ୟ ପାଇଁ ବାଧକ ନାହିଁ। ବିଶେଷ କରି ବର୍ତ୍ତମାନର ଘଡ଼ିସନ୍ଧି ମୁହୂର୍ତ୍ତରେ ମଧ୍ୟ ସାହିତ୍ୟର ପ୍ରଚାର ଓ ପ୍ରସାର କରାଯାଇପାରିବ।

ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ଅମିତାଭ ରାୟ କହିଥିଲେ ଯେ ରବୀନ୍ଦ୍ର ନାଥ ସର୍ବଦା ଜ୍ଞାନମାର୍ଗ, କର୍ମମାର୍ଗ ଓ ସୃଷ୍ଟିମାର୍ଗକୁ ସମନ୍ୱୟ ଘଟାଇ ଆଗେଇବାକୁ ହେବ ବୋଲି କହୁଥିଲେ, ତେବେ କେତେକ କ୍ଷେତ୍ରରେ ଏହା ମଧ୍ୟ ବ୍ୟତିକ୍ରମୀ ହେଉଛି, କାରଣ ସାହିତ୍ୟ କୌଣସି ପ୍ରତିକୂଳତାକୁ ଭ୍ରୁକ୍ଷେପ କରେ ନାହିଁ। ତାର ପଥ ଅବାରିତ। ସେ କହିଥିଲେ ଯେ ଜଣେ ସାହିତ୍ୟିକ ତାର ପରିଧି ମଧ୍ୟରେ ସାହିତ୍ୟକୁ ପରିବ୍ୟାପ୍ତ କଲେ ପ୍ରତିଟି ସ୍ତର ଏଥିରୁ ଉପକୃତ ହୋଇପାରିବ।

ଶିକ୍ଷାବିତ୍ ସ୍ୱପନ ଚକ୍ରବର୍ତ୍ତୀ କହିଛନ୍ତି ଯେ କବିଗୁରୁ ରବୀନ୍ଦ୍ର ନାଥ ଠାକୁର ବହୁ ପତ୍ରପତ୍ରିକା ସ୍ଥାପନ କରିବା ସଙ୍ଗେ ସଙ୍ଗେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ସେଥିପାଇଁ ପ୍ରଥମେ ସେ କୌଣସି ମଞ୍ଚକୁ ଆବୋରି ନେଇ ନଥିଲେ। ମୁକ୍ତ ଚିନ୍ତାଧାରାଦ୍ୱାରା ସେହି କ୍ଷେତ୍ର ପ୍ରସାରିତ ହୋଇଛି। ସେ ଅତୀତର ଉଦାହରଣ ଦେଇ ଏହି ପ୍ରସଙ୍ଗକୁ ତତ୍ତ୍ୱ ଭିତ୍ତିକ ବୁଝାଇଥିଲେ।

ଶିକ୍ଷାବିତ୍ କୁନାଲ ବସୁ କହିଥିଲେ ଯେକୌଣସି ସମୟରେ ଏବଂ ସମସ୍ତ ପରିବେଶରେ ସାହିତ୍ୟର ଗତି ପ୍ରକୃତିକୁ ପ୍ରସାରିତ କରିହେବ। ତେବେ ସାହିତ୍ୟ ସ୍ରଷ୍ଟାମାନେ ନିଜ ଦକ୍ଷତାକୁ ପ୍ରତିପାଦନ କରିବା ଉଚିତ୍। ବିଶେଷ କରି ପ୍ରତିକୂଳ ପରିବେଶରେ ମଧ୍ୟ ସ୍ୱତନ୍ତ୍ର ଧର୍ମୀ ସାହିତ୍ୟ ସୃଷ୍ଟି ସମ୍ଭବ ହୋଇଥାଏ। ତେଣୁ ବର୍ତ୍ତମାନ ପରିସ୍ଥିତିରେ ନିଜ ସୃଷ୍ଟିକୁ ପରିପ୍ରକାଶ ଉପରେ ଗୁରୁତ୍ୱ ନ ଦେଇ ଚେତନାଶୀଳ ମାର୍ଗରେ ପରିପ୍ରକାଶ କଲେ ଭୁଲ୍ ହେବ ନାହିଁ।




କଲକାତାର ଏକ କଣ୍ଟେନ୍‌ମେଣ୍ଟ ଜୋନ୍‌କୁ ବନ୍ଦ ରଖିଛି ପୁଲିସ। ଫଟୋ : ଦିଲୀପ ଭୌମିକ